# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**14 March - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ‘ଏକ ଦେଶ, ଏକ ନିର୍ବାଚନ’ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି’ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କଲେ ରିପୋର୍ଟ

– ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା; ଦ୍ୱିତୀୟ ପର୍ଯ୍ୟାୟରେ ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନ କରିବା ପାଇଁ କରିଛନ୍ତି ସୁପାରିଶ

- ୪ଟି ବର୍ଗର ଶ୍ରମିକଙ୍କର ମଜୁରୀ ବୃଦ୍ଧି କଲେ ରାଜ୍ୟ ସରକାର
- କର୍ମଚାରୀ ଓ ପେନସନ୍‌ଭୋଗୀଙ୍କ ପାଇଁ ରାଜ୍ୟ ସରକାର ବୃଦ୍ଧି କଲେ ୪ ପ୍ରତିଶତ ମହଙ୍ଗା ଭତ୍ତା
- ବଲାଙ୍ଗୀର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ସହିତ ଆଉ ତିନୋଟି ଟ୍ରେନ୍ ସୋନପୁରକୁ ସମ୍ପ୍ରସାରଣ

ଏବଂ

- କିଡ୍‌ନୀ ସ୍ୱାସ୍ଥ୍ୟ ଏବଂ ଏହାର ଯତ୍ନର ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ କିଡ୍‌ନୀ ଦିବସ

*PIB*

## 'ଏକ ଦେଶ, ଏକ ନିର୍ବାଚନ' କମିଟି ରିପୋର୍ଟ

'ଏକ ଦେଶ, ଏକ ନିର୍ବାଚନ' ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି। ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏହି ଉଚ୍ଚସ୍ତରୀୟ କମିଟି ୧୮ ହଜାର ୬୨୬ ପୃଷ୍ଠା ସମ୍ବଳିତ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୨ ତାରିଖରେ 'ଏକ ଦେଶ, ଏକ ନିର୍ବାଚନ' କରିବା ଲାଗି ପୂର୍ବତନ ରାଷ୍ଟ୍ରପତି ଶ୍ରୀ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ସୂଚନା ଅନୁସାରେ, ୧୯୧ ଦିନର ଅବଧି ସମୟରେ ଏହି ଉଚ୍ଚସ୍ତରୀୟ କମିଟି ବିଭିନ୍ନ ଅଂଶୀଦାର ଦଳଙ୍କ ସହ 'ଏକ ଦେଶ, ଏକ ନିର୍ବାଚନ' ସମ୍ବନ୍ଧରେ ଆଲୋଚନା କରିଥିଲେ। ୪୭ଟି ରାଜନୈତିକ ଦଳ 'ଏକ ଦେଶ, ଏକ ନିର୍ବାଚନ' ପାଇଁ ସେମାନଙ୍କର ମତାମତ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୨ଟି ରାଜନୈତିକ ଦଳ 'ଏକ ଦେଶ, ଏକ ନିର୍ବାଚନ' ସପକ୍ଷରେ ମତ ଦେଇଥିବା ଜଣାପଡ଼ିଛି। ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରୁ ୨୧ ହଜାର

୫୫୮ଟି  ମତାମତ ସଂଗୃହୀତ ହୋଇଥିଲା । ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ  'ଏକ ଦେଶ, ଏକ ନିର୍ବାଚନ' ସପକ୍ଷରେ ମତ ଦେଇଥିଲେ । ତଥ୍ୟ ଆଧାରରେ 'ଏକ ଦେଶ, ଏକ ନିର୍ବାଚନ' ଗଠିତ ଉଚ୍ଚସ୍ତରୀୟ କମିଟି ଦେଶରେ ଦୁଇ ସ୍ତରୀୟ ନିର୍ବାଚନ ପାଇଁ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ପ୍ରଥମ ପଦକ୍ଷେପ ସ୍ୱରୂପ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ କରାଯିବା ପାଇଁ କମିଟି ସୁପାରିସ କରିଥିବାବେଳେ ଦ୍ୱିତୀୟରେ ପଞ୍ଚାୟତ ଏବଂ ପୌର ପରିଷଦ ନିର୍ବାଚନ କରିବା ପାଇଁ ମତ ରଖିଛନ୍ତି । ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ହେବାର ୧୦୦ ଦିନ ଭିତରେ ପଞ୍ଚାୟତ ଏବଂ ପୌରପରିଷଦ ନିର୍ବାଚନ କରାଇବା ପାଇଁ ଉଚ୍ଚସ୍ତରୀୟ କମିଟି ସୁପାରିସ କରିଛି ।

***CMO***

## ଶ୍ରମିକ ମଜୁରୀ ବୃଦ୍ଧି

ରାଜ୍ୟ ସରକାର ୪ଟି ବର୍ଗର ଶ୍ରମିକଙ୍କ ମଜୁରୀ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକମାନଙ୍କର ମଜୁରୀ ବୃଦ୍ଧି କରାଯାଇଛି । ଅଣକୁଶଳୀ ଶ୍ରମିକମାନଙ୍କର ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ମଜୁରୀ ୩୯୨ ଟଙ୍କାରୁ ୫୦୦ ଟଙ୍କା କୁଶଳୀ ଶ୍ରମିକମାନଙ୍କ ମଜୁରୀ ୪୪୨ ଟଙ୍କାରୁ ୫୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଅତ୍ୟନ୍ତ କୁଶଳୀ ଶ୍ରମିକ ମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଉଛି । ସରକାରଙ୍କର

ଏହି ନିଷ୍ପତ୍ତି ଯୋଗୁଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ଲାଭ ପାଇବେ ବୋଲି କୁହାଯାଇଛି ।

***Desk***

## ରାଜ୍ୟ ମହଙ୍ଗା ଭତ୍ତା ବୃଦ୍ଧି

ରାଜ୍ୟ ସରକାର ସରକାରୀ କର୍ମଚାରୀ ଓ ପେନସନ୍‌ଭୋଗୀଙ୍କ ୪ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି । ବର୍ଦ୍ଧିତ ଭତ୍ତା ପିଛିଲା ଭାବେ ଜାନୁଆରୀ ମାସ ପହିଲାରୁ ଲାଗୁ ହେବ । ବର୍ଦ୍ଧିତ ମହଙ୍ଗା ଭତ୍ତା ଯୋଗୁଁ ରାଜ୍ୟର ପ୍ରାୟ ସାଢ଼େ ୪ ଲକ୍ଷ ସରକାରୀ କର୍ମଚାରୀ ଏବଂ ସାଢ଼େ ୩ ଲକ୍ଷ ପେନସନ୍‌ଭୋଗୀ ଉପକୃତ ହେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି ।

***Desk***

## ଇ.ଏସ୍.ଆଇ କାର୍ଡ

ରାଜ୍ୟ ସରକାରଙ୍କ ପକ୍ଷରୁ ବୀମାଭୁକ୍ତ କର୍ମଚାରୀମାନଙ୍କ ନିମନ୍ତେ ଇ.ଏସ୍.ଆଇର ଇ-ପେହେଚାନ୍ କାର୍ଡ ନିମନ୍ତେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସମସ୍ତ ବୀମାଭୁକ୍ତ କର୍ମଚାରୀମାନେ’ ବିନାଦେୟରେ ରାଜ୍ୟ ବୀମା ଯୋଜନା ପୋର୍ଟାଲ **www.esis.odisha.gov.in** ରେ ସିଧାସଳଖ ଇ-ପେହେଚାନ୍ କାର୍ଡ ପଞ୍ଜୀକରଣ କରିପାରିବେ ବୋଲି କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାଦ୍ୱାରା ହିତାଧିକାରୀମାନେ ଇ.ଏସ୍.ଆଇ ଯୋଜନାରୁ ସହଜରେ ଚିକିତ୍ସା ଏବଂ

ଅନ୍ୟ ସୁବିଧା ପାଇପାରିବେ। ପଞ୍ଜିକରଣ ପାଇଁ ସମସ୍ତ ସୁବିଧା 'ମୋ ସେବା' କେନ୍ଦ୍ରରେ ଉପଲବ୍ଧ ହେଉଛି।

***Railway***

## ବଲାଙ୍ଗିର ଇଣ୍ଟରସିଟି ଏକ୍ସପ୍ରେସ୍

ବଲାଙ୍ଗୀର ପଟରୁ ସୋନପୁର ପର୍ଯ୍ୟନ୍ତ ଟ୍ରେନ୍ ଲାଇନ୍ କାର୍ଯ୍ୟକ୍ଷମ ହେବା ଫଳରେ ଭୁବନେଶ୍ୱର-ବଲାଙ୍ଗୀର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ସହିତ ଦୁଇ ଯୋଡ଼ା ବଲାଙ୍ଗୀର-ବିଛୁପାଲି ପାସେଞ୍ଜର ଟ୍ରେନ୍‌କୁ ସୋନପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି । ପୂର୍ବତଟ ରେଳବାଇର ସୂଚନା ଅନୁସାରେ ଆଜିଠାରୁ ଅପରାହ୍ନ ଗୋଟାଏରେ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ସୁବର୍ଣ୍ଣପୁରରୁ ଯାତ୍ରା ଆରମ୍ଭ କରିଛି। ଏହି ଟ୍ରେନ୍ ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ । ସେହିଭଳି ଆସନ୍ତାକାଲିଠାରୁ ଭୁବନେଶ୍ୱରରୁ ଟ୍ରେନ୍ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କରିବ । ସୂଚନା ଅନୁସାରେ ଭୁବନେଶ୍ୱର ଏବଂ ବଲାଙ୍ଗିର ମଧ୍ୟରେ ରହଣି ଏବଂ ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ବଲାଙ୍ଗିର ଏବଂ ସୁବର୍ଣ୍ଣପୁର ମଧ୍ୟରେ ଏହି ଟ୍ରେନ୍ ବିଛୁପାଲି, ଝରତରଭା ଏବଂ

ନରସିଂହଗଡ଼ ଷ୍ଟେସନରେ ରହଣି କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ବଲାଙ୍ଗୀର-ବିଛୁପାଲି-ବଲାଙ୍ଗୀର ପାସେଞ୍ଜର ଟ୍ରେନ୍‌କୁ ସମ୍ପ୍ରସାରଣ କରାଯାଇଛି। ଆସନ୍ତାକାଲିଠାରୁ ବଲାଙ୍ଗୀର-ସୋନପୁର-ବଲାଙ୍ଗୀର ପାସେଞ୍ଜର ଚଳାଚଳ କରିବ। ସେହି ମାର୍ଗରେ ସୋନପୁରରୁ ଶନିବାର ଦିନ ଠାରୁ ବଲାଙ୍ଗୀର ଅଭିମୁଖେ ଟ୍ରେନ୍ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

*I&PR*

## ରିଲିଫ୍ ପାଣ୍ଠିକୁ ପାନୀୟ ଜଳ ନିଗମର ସହାୟତା

ଓଡ଼ିଶା ରାଜ୍ୟ ପାନୀୟ ଜଳ ନିଗମ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ  ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଏହି ଅର୍ଥ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ୨୦୨୩ ଜୁଲାଇରେ ନିଗମ ତରଫରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

*Desk*

# ବିଶ୍ୱ କିଡ୍‌ନୀ ଦିବସ

ଆଜି ବିଶ୍ୱ କିଡ୍‌ନୀ ଦିବସ । କିଡ୍‌ନୀର ସ୍ୱାସ୍ଥ୍ୟ ଏବଂ ଏହାର ସ୍ୱାଭାବିକ କାର୍ଯ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ଗୁରୁବାର ଦିନ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'କିଡ୍‌ନୀ ସ୍ୱାସ୍ଥ୍ୟ ଓ ଏହାର ଯତ୍ନ' । କିଡ୍‌ନୀ ହେଉଛି ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ଏହାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କିଡ୍‌ନୀ ଜନିତ ରୋଗରେ ଗୋଡ଼ ଫୁଲିବା, ଉଚ୍ଚ ରକ୍ତଚାପ, କମ୍ ହିମୋଗ୍ଲୋବିନ୍ ଏବଂ ହାଡ଼ ଦୁର୍ବଳ ହେବା ଭଳି ଲକ୍ଷଣ ଦେଖାଦେଇଥାଏ । କିଡ୍‌ନୀ ରୋଗରୁ ରକ୍ଷା ପାଇବା ପାଇଁ ନିୟମିତ ଶାରୀରିକ ବ୍ୟାୟାମ, ସନ୍ତୁଳିତ ଆହାର, ଓଜନ ନିୟନ୍ତ୍ରଣ ଏବଂ କମ୍ ଲୁଣ ସେବନ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ।

ରାଜ୍ୟର ଦୁଇ ଭେଷଜ ମହାବିଦ୍ୟାଳୟ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍‌ପିଟାଲ ଏବଂ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଲେଜ୍ ଓ ଡାକ୍ତରଖାନାର କିଡ୍‌ନୀ ବିଭାଗରେ କିଡ୍‌ନୀ ରୋଗୀଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଅଛି। ମିଳିଥିବା ସୂଚନା ଅନୁସାରେ, କଟକ ଏସ୍‌ସିବି ବର୍ହିବିଭାଗରେ ଦୈନିକ ୨୫୦ରୁ ୩୦୦

କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରାଯାଉଛି ଏବଂ ୧୦୦ ଜଣ ରୋଗୀ ଅନ୍ତର୍ବିଭାଗରେ ଚିକିତ୍ସିତ ହେଉଛନ୍ତି।

***Desk***

## ଜଳବାୟୁ ପରିବର୍ତ୍ତନ

୨୦୨୩ ବର୍ଷ ସବୁଠାରୁ ଉତ୍ତପ୍ତ ବର୍ଷ ବୋଲି ପରିବେଶ ବିଜ୍ଞାନ ଅନୁସନ୍ଧାନ- ସି.ଏସ୍.ଆଇର ସଦ୍ୟ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ବିଗତ ଦଶନ୍ଧି ତୁଳନାରେ ଗତ ବର୍ଷ ଦେଶରେ ହାରାହାରି ୧ ଦଶମିକ ୪/୮ ଡିଗ୍ରୀ ଅଧିକ ତାପମାତ୍ରା ଥିଲା। ସେହିଭଳି ବିଶ୍ୱ ତାପାୟନ ୧ ଦଶମିକ ୫ ଡିଗ୍ରୀ ଅଧିକ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱ ତାପାୟନ ବୃଦ୍ଧି ଯୋଗୁଁ ଜଳବାୟୁରେ ପରିବର୍ତ୍ତନ ଘଟିବା ସହ ପ୍ରାକୃତିକ ବିପର୍ଯ୍ୟୟର କାରଣ ଦୃଶ୍ୟମାନ ହେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାୟ ୧୦୯ଟି ଦେଶ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ, ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଶୀତଲହରି, ବାଦଲ ଫଟା ବର୍ଷା ବିପ୍ତାତ ଆଦି ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦେଉଛି।

***Desk***

## ପାଣିପାଗ

ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅପରପକ୍ଷରେ

ଉପକୂଳ ଓଡ଼ିଶା ସମେତ ମୟୁରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ବୌଦ୍ଧ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗତକାଲି ବୌଦ୍ଧ ଠାରେ ସର୍ବାଧିକ ୩୯ ଦଶମିକ ୫ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନର ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ଥିଲା।